ଚୈତ୍ର ମଙ୍ଗଳା

ଓଷାକଥା

(ନୂତନ ମୁଦ୍ରଣ, ୧୯୯୮-ସସ୍ତିକା)

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ପ୍ରାପ୍ତି ସ୍ଥାନ—ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ—ଶ୍ରୀ ବିଦ୍ୟାଧର ସାହୁ

ଅଲିଶା ବଜାର, କଟକ—୨

ଫୋନ୍ ନମ୍ବର-୬୦ ୩୨ ୯୭

ମୂଲ୍ୟ—ତିନିଟଙ୍କା ମାତ୍ର

ଚୈତ୍ର ମଙ୍ଗଳା

ଓଷାକଥା

(ନୂତନ ମୁଦ୍ରଣ, ୧୯୯୮-ସଚିତ୍ରା)

ପ୍ରକାଶକ—**ଧର୍ମଗ୍ରନ୍ଥ ଷ୍ଟୋର**

ପ୍ରାପ୍ତିସ୍ଥାନ—**ଧର୍ମଗ୍ରନ୍ଥ ଷ୍ଟୋର**

ପରିଚାଳକ—**ଶ୍ରୀ ବିଦ୍ୟାଧର ସାହୁ**

ଅଲଣା ବଜାର, କଟକ—୨

ଫୋନ୍ ନମ୍ବର-୭୦ ୩୨ ୯୭

ମୂଲ୍ୟ—**ତିନିଟଙ୍କା ମାତ୍ର**

ବିଜ୍ଞାପନ

ବୃହତ ଜ୍ୟୋତିଷଶାସ୍ତ୍ର ପାରାଶରହୋରା—ଟ ୧୫୦.୦୦

ଜ୍ୟୋତିଷାର୍ଣ୍ଣବ ସମ୍ପୂର୍ଣ୍ଣସେଟ୍—ଟ ୧୫୦.୦୦

ଗ୍ରହଶାନ୍ତି ବିଧାନ ରତ୍ନମୁଦ୍ରି ଧାରଣ ଟ ୨୫-୦୦

ନବଗ୍ରହ ଦଶାଫଳ ସେଟ୍-ଟ ୫୦-୦୦

ଶୀଘ୍ର ପ୍ରକାଶ ପାଉଛି :

ସଂସ୍କୃତ ଓ ସରଳାର୍ଥ ସହ ଗର୍ଗ ସଂହିତା

ସଂସ୍କୃତ ଓ ସରଳାର୍ଥ ସହ ଚରକ ସଂହିତା

ପ୍ରକାଶକ :

ଧର୍ମଗ୍ରନ୍ଥ ଷ୍ଟୋର

ଅଲିଶା ବଜାର, କଟକ-୨

ଫୋନ୍ ନମ୍ବର-୬୦୩୨୯୭—୬୦୩୭୧୨

ଚୈତ୍ର ମଙ୍ଗଳା ଓଷା କଥା

ବନ୍ଦଇ ଶାରଳା ମାଗୋ ତୁମ୍ଭ ଶ୍ରୀଚରଣ । ଲେଖୁଅଛୁ ପଦ୍ୟ-ମାନ କହିବ ପୁଣ ॥ ନମଇଁ ଶାରଳା ମାଗୋ ଶିବର ଘରଣୀ । ଝଙ୍କଡ଼ପୁର ବାସିନୀ ମହିଷ ମର୍ଦ୍ଦିନୀ ॥ ଅମ୍ବିକା କାଳିକା ବେଢ଼ ଲଙ୍କା ତୋର ନାମ । ଦୁର୍ଗା ମହାମାୟୀ ଗୋ ମଙ୍ଗଳା ତୋର ନାମ । ଜୟ ଶ୍ରୀମଙ୍ଗଳା ମାଗୋ ମାତ୍ର କାତ୍ୟାୟିନୀ । ସଙ୍ଗତରେ ରଖିଅଛ ଚଉଷଠି ଯୋଗିନୀ ॥ ମୁହିଁ ମୂର୍ଖ ଅଜ୍ଞାନ ନ ଜାଣଇ କିଛି । କଣ୍ଠରେ ବସିଣ ପଦ କହିଦେବ ବାଛି ॥

ଅର୍ଜ୍ଜୁନ ଉବାଚ

ଅର୍ଜ୍ଜୁନ ବୋଲନ୍ତି ତୁମ୍ଭେ ଶୁଣ ଦାଶରଥି । ବୁଝାଇଣ କହ ମୋତେ ମଙ୍ଗଳାର ସ୍ଥିତି ॥ ଶ୍ରୀଧର ବୋଲନ୍ତି ତୁମ୍ଭେ ଶୁଣ ହେ ଅର୍ଜ୍ଜୁନ । ଆଣ୍ଠୁକୁଡ଼ା ରଜାକୁ ଯେ ଦେଲେ ପୁତ୍ର ଦାନ ॥ ମୋହର ଚରଣେ ତାଙ୍କ ନଥିଲାଇ ମନ । ତେଣୁକରି ଆଣ୍ଠୁକୁଡ଼ା ହୋଇଲେ ସର୍ବଜନ ॥ ଏକମନ ହୋଇ ଯେଣୁ ନ ଭଜିଲେ ମୋତେ । ତେଣୁ କରି ମଙ୍ଗଳା ଯେ ଗଲେକ ତୁରିତେ ॥ ଦିବ୍ୟରୂପ ତେଜି ମାୟେ ବୁଢ଼ୀ ରୂପ ହୋଇ । ଖସୁ ମେଞ୍ଚା ମେଞ୍ଚା ଆଖି ପିଚ୍ଛଡ଼ା ବହଇ ॥ କନା ଯେ କଉଡ଼ି ମାୟେ ପରିଧାନ କଲେ । କେନ୍ଦୁ ଯେ କଇଁଥ ଗୃହର ଘେନିଣ ଚଳିଲେ ॥ ସେଦିନ ଯେ ମଙ୍ଗଳାଙ୍କ ପୂଜାବିଧି ଦିନ । ତେଣୁକରି ବିଜୟ କଲେକ ତତକ୍ଷଣ । ନଗର ହାଟ ବାଟ ବୁଲି ଡ଼ାକ ଯେ ଦିଅନ୍ତି । କେନ୍ଦୁ କେନ୍ଦୁ ଗୃହ ନିଅ ବୋଲିଣ ବୋଲନ୍ତି ॥ ତାହା ଶୁଣି ନଗ୍ରଲୋକେ ଆଣ ଗୋ ବୋଲନ୍ତି । ତାଙ୍କ ରୂପ ଦେଖି ଲୋକେ ଛି ଛି ଯେ କରନ୍ତି ॥ ଖସୁ ମେଞ୍ଚା ମେଞ୍ଚା ଆଖି ପିଚ୍ଛଡ଼ା ବହୁଛି । ଏହାଠାରୁ କେନ୍ଦୁଗୃହର ନ ଘେନିବା କିଛି ॥ କେନ୍ଦୁଗୃହର ତାହା-ଠାରୁ କେହି ନ କିଣିଲେ । ତାହା ଶୁଣି ମଙ୍ଗଳା ଯେ ହୃଦେ

କରିଗଲେ ॥ ହାଟ ଦାଣ୍ଡ ନଗ୍ର ଲୋକେ କେହ୍ଵ ନ ଜାଣିଲେ । ଏଣୁ କରି ମହାମାୟା ବରପ ହୋଇଲେ ॥ ମନେ ମନେ ବିଚାର କରନ୍ତି ମହାସତୀ । ରାଜାର ନଗ୍ରକୁ ବୁଲି ଗଲେକ ତଉଡ଼ତ ॥ ରାଜାର ନବରେ ଯାଇ ପ୍ରବେଶ ହୋଇଲେ । କେନ୍ଦୁଗ୍ବର ନଅ ବୋଲି ବୋଲିଣ ବୋଇଲେ ॥ ଛି ଛି ଦୂର କରି ତାଙ୍କୁ ଘଉଡ଼ିଲେ ଯହୁଁ । ରାଜାର ନବରୁ ବିଜେ କରୁଥିଲେ ତହୁଁ ॥ ଥରଥର ହୋଇ ବ୍ରଣ୍ଡାକ୍ଷୁଣୀ ଯାଉଥିଲେ । ଆସୁଥିଲେ ମାୟେ ତାଙ୍କୁ ବାଟରେ ଭେଟିଲେ । ବ୍ରଣ୍ଡାକ୍ଷୁଣୀ ବୋଲୁଅଛି କାହୁଁ ଯେ ଅଇଲ । କେବଣ ଦେଶରୁ ତୁମ୍ଭେ ଏଠେ ବିଜେ କଲ ॥ ମାୟେ ବୋଲୁଛନ୍ତି ତୁ ଲୋ ଶୁଣ ବ୍ରଣ୍ଡାକ୍ଷୁଣୀ । ନଗ୍ର ନରନାରୀ ମୋତେ ନ ଚିହ୍ନିଲେ ପୁଣି ॥ ମୁହିଁ ସର୍ବ ମଙ୍ଗଳା ଯେ ଘଉଡ଼ିଲେ ମୋତେ । ତୁ କେବଣ କାରଣେ ଯେ ପୁଚ୍ଛ କଲୁ ମୋତେ ॥ ଏହା ଶୁଣି ବ୍ରଣ୍ଡାକ୍ଷୁଣି ପାଦରେ ପଡ଼ିଲା । ନମସ୍ତେଲି ନମସ୍ତେଲି ବୋଲିଣ ବୋଇଲା ॥ ମୁହିଁ ତୁମ୍ଭ ବଶବର୍ତ୍ତୀ ସେବଇ ଚରଣେ । ତୁମ୍ଭ ସେବା ଆଜ ମୁହିଁ କରିବି ଆପଣେ ॥ ତାହା ଶୁଣି ମଙ୍ଗଳା ଯେ କେନ୍ଦୁଗ୍ବର ଦେଲେ । ଅପୁତ୍ରିକ ପୁତ୍ରଦାନ ହେଉ ଯେ ବୋଇଲେ ॥ ମୋର ସେବା ସାରି ତୁ ଖାଇବୁ କେନ୍ଦୁଗ୍ବର । ମୋତେ ସୁମରଣା କରି ଖାଇବୁଟି ଫଳ ॥ ଏତେ କହି ମଙ୍ଗଳା ଯେ ବିଜେ କରିଗଲେ । ନିଜ ଭୁବନରେ ଯାଇ ପ୍ରବେଶ ହୋଇଲେ । କେନ୍ଦୁଗ୍ବର ଘେନି ଶୀଘ୍ରା ବ୍ରଣ୍ଡାକ୍ଷୁଣୀ ଗଲା । ଉତ୍ତମ ପଦାର୍ଥମାନ ବଜାରୁ କିଣିଲା ॥ ଖଇ ମୁଆଁ ନବାତ ଶାକର ଛେଣା ପଣା । ଗୁଡ଼ ଦୁଧ ମିଠାଇ ଯେ କରିଲାକ କିଣା ॥ ଯତ୍ନରେ ପଦାର୍ଥମାନ ଘରକୁ ଆଣିଲା । ଚନ୍ଦନ କର୍ପୂର ଆଣି ଗୃହରେ ଛିଞ୍ଚିଲା ॥ ଅଗଣା ମଧ୍ୟରେ ଏକ ବେଦୀ ବନାଇଲା । ଗୋବର ଲିପିଣ ତହିଁ ଝୁଟି ଯେ ଲେଖିଲା । ଜୟଶ୍ରୀ ମଙ୍ଗଳା ବୋଲି ଘଟେକ ସ୍ଥାପିଲା । ବଟା ହଳଦୀରେ ଏକ ମୂର୍ତ୍ତି ବନାଇଲା । ଗଙ୍ଗାଜଳ ଛିଞ୍ଚି ତହିଁ ବସିଲାକ ଯାଇ । ସ୍ମରଣ କରି ବସିଲା ମଙ୍ଗଳାଙ୍କୁ ଧ୍ୟାୟି ॥ ବ୍ରଣ୍ଡାକ୍ଷୁଣୀ ହିନଜାତି ଜାତି ମୋର କେଳା ।

କଞ୍ଚିତ ଉଚନ୍ତି ମୋର ଦେବମା ମଙ୍ଗଳା ॥ କେନ୍ଦୁ କେନ୍ଦୁ ଗୃହରତନ୍ତି ଭୋଗ ଲଗାଇଲା । ଅମୃତ ପଦାର୍ଥମାନ ସବୁ ସମର୍ପିଲା ॥ ନେଉଳ ପେଣ୍ଡା କୁକୁଡ଼ା ଯେ ବଳୀ ପୂଜା କଲା । ପୂଜା ସାରି ଗୃଣ୍ଡ୍ରାକ୍ଷୁଣୀ ଆନନ୍ଦ ହୋଇଲା ॥ ଫୁଲ ପ୍ରସାଦ ନେଇଣ ଶିରରେ ଦେଲା । ମଙ୍ଗଳା ସୁମରି କେନ୍ଦୁଗୁଡ଼ ଯେ ଭକ୍ଷିଲା ॥ ପୂଜାର ପଦାର୍ଥମାନ ନେଲାକ ତଡ଼ନ୍ତ । ମଙ୍ଗଳାଙ୍କୁ ସୁମରି ଭକ୍ଷିଲା ତାରପର ॥ ସେହିଦିନ ଗୃଣ୍ଡ୍ରାକ୍ଷୁଣୀ ଗର୍ଭବତୀ ହେଲା । ଦିନଗଣୁ ଗଣୁ ତହିଁ ଦଶମାସ ହେଲା । ଦଶମାସ ଦଶଦିନ ହୋଇଲାକ ପୁଣି । ପେଟବ୍ୟଥା କଲା ତାର ହୋଇ କଣିକଣି ॥ ଲୋକବୃନ୍ଦ ହୋଇ ଆଉ ନ ପାରଇ ଗୃହ । ମଙ୍ଗଳାଙ୍କ ସୁମରି ସେ ନେଝାଲେ ମଣ୍ଡଗଳ ॥ ଏହ ପାହ୍ନ ବେଳ ତହିଁ ସାତଘଡ଼ି ହେଲା । ଫୁଲ ଫଳ ତାହାର ଯେ ପୁତ୍ରଟି ଜନ୍ମିଲା ॥ ମୁଣି କ୍ଷଣକରେ ସେହୁ ପାଇଲାକ ଜ୍ଞାନ । ଏତେ ଦିନେ ମଙ୍ଗଳା ଯେ ଦେଲେ ଚକ୍ଷୁଦାନ । ନାହୁଡ଼ି କାଟିଲା ପୁତ୍ର ବସାଇଲା କୋଳେ । ମୁଖେ ଚୁମ୍ବନ ଦେଇ ତହିଁ ଆନନ୍ଦ ହୋଇଲେ ॥ ନଗ୍ର ନର ନାରୀମାନେ ସମସ୍ତ ଶୁଣିଲେ । ଦୁଣ୍ଡାଳେ ପୁତ୍ରଦାନ ପାଇଲା ବୋଇଲେ ॥ ହେଉ ହେଉ ବୋଲିଣ ବୋଲନ୍ତି ସର୍ବଜନ ଆନନ୍ଦ ହୋଇଲେ ଶୁଣି ନଗ୍ର ନାରୀମାନ ॥ ଦୁଇକ୍ଷଣ ଦିନ ଯାନ୍ତେ ନାହୁଡ଼ି ଶୁଖିଲା । ଦିନଗଣି ଗୃଣ୍ଡ୍ରାକ୍ଷୁଣୀ ନାମ ତା ସାଧିଲା ॥ ହାଟଦାଣ୍ଡ ନଗ୍ର ବୁଲି କରୁଥାଇ ଓଡ଼ା । କଅଁଳା କୁଆକୁଣ୍ଡ ଅଇଲି ମୁଁ ଏକା । ଏହା ବୋଲି ଗୃଣ୍ଡ୍ରାକ୍ଷୁଣୀ କ୍ଷଣେ ନ ରହଇ । ପୁତ୍ରର ମୁଖରେ ଆସି ଚୁମ୍ବନ ଦିଅଇ ॥ ଏହି ମତେ ଛ'ମାସ ବରଷେ ଗଲା ପୁଣି । ପୁଣି ଗର୍ଭବାସ ଯେ ହୋଇଲା ସେ ତରୁଣୀ ॥ ଦଶମାସ ଦଶଦିନ ଗର୍ଭ ତହିଁ ହେଲା । ପେଟ ବଥାଇଣ ପୁଣି ପୁତ୍ରଜାତ କଲା ॥ ଏହି ପ୍ରକାରେ ସାତପୁତ୍ର ହୋଇଲେ ଜନମ । ଅର୍ଜୁନଙ୍କ ବୃକ୍ଷାଳ କଦମ୍ବ ଭଗବାନ ॥ ପୁଣି ଗର୍ଭବାସ ଯେ ହୋଇଲା ଗୃଣ୍ଡ୍ରାକ୍ଷୁଣୀ । ଦୁହିତା ଗୋଟିଏ ଜାତ ହୋଇଲାକ ପୁଣି ॥ ସାତପୁତ୍ର ଏକ ଝିଅ ହୋଇଲାକ ଜାତ । ସତେ

ମନେ ବୃଣ୍ଡାକୁଣୀ ହୋଇଲା ଉପରତ ॥ ଏବେ ବନ୍ଧୁ ଘର ମୁହିଁ ଖୋଜଣ ଯେ ଯିବ । ସାତପୁତ୍ରଙ୍କୁ ମୋହର ବିଭା କରାଇବ । ଏତେଭାଳି ବନ୍ଧୁ ଘର ଖୋଜଣ ଯେ ଗଲା । ସାତ ଯେ ପୁତ୍ରଙ୍କୁ ତାର ବିଭା କରାଇଲା ॥ ଦୁହିତା ଗୋଟିକୁ ବିଭା କରିଦେଲା ପୁଣ । ସାତ ପୁତ୍ରଙ୍କର ବୋହୂ ଆଣିଲାକ ଜାଣ ॥ ଅର୍ଜୁନ ବୋଲନ୍ତି କହନ୍ତୁ ଯେ ଭଗବାନ । ମଙ୍ଗଳାଙ୍କୁ ସେବି ସେ ପାଇଲା ପୁତ୍ର ଦାନ ॥

ଶ୍ରୀ ଭଗବାନ ଉବାଚ

ଶ୍ରୀକୃଷ୍ଣ ବୋଲନ୍ତି ତୁମ୍ଭେ ଶୁଣ ଆହେ ପାର୍ଥ । ଠିକ୍ ଠିକ୍ କରି ତୋତେ କହିଦେବା ତଥ୍ୟ ॥ ଏଥୁ ଅନନ୍ତରେ କେତେ ଦିନ ବହିଗଲା । ପ୍ରଭାତରୁ ବୃଣ୍ଡାକୁଣୀ ନଗରକୁ ଗଲା ॥ କେଉଁ ଯୋଗରୁ ଘରୁ ମୁଁ ବାହାର ହୋଇଲି । ଆଣ୍ଠୁ କୁଣ୍ଡା ରାଜାମୁଖ ଆଜ ମୁଁ ଦେଖିଲି ॥ ଅନ୍ନପାଣି ଆଜ ମୋତେ ମିଳିବକ ନାହିଁ । ଏତେ ବୋଲି ରାଣୀହଂସ ପୁରେ ମିଳେ ଯାଇ ॥ ତାହା ଶୁଣି ମହାରାଜା ସ୍ତବଧ ହୋଇଲେ । କିଙ୍କରମାନଙ୍କୁ ଡାକି ଗୁପତେ କହିଲେ ॥ ଆଜ ତୁମ୍ଭେ ବୃଣ୍ଡାକୁଣୀ ଘରଠାକୁ ଯାଅ । ରାତ୍ରଯେତେ ଦିବସ ତହିଁ ଜଗିବସି ଥାଅ ॥ ଭୁଞ୍ଜିବ କି ନ ଭୁଞ୍ଜିବ ଦେଖୁଥିବ ଜାଣି । ମୋହର ଆଗରେ କହିବଟି ଆସି ପୁଣି ॥ ଏହା ଶୁଣି କିଙ୍କରେ ଯେ ବେଗେ ଚଳିଗଲେ । ବୃଣ୍ଡାକୁଣୀ ଘରଠାରେ ଜଗିଣ ବସିଲେ ॥ ଏମନ୍ତ ସମୟେ ଶ୍ରୀସ୍ଥା ବୃଣ୍ଡାକୁଣୀଗଲା । ଅନ୍ନପାଣି କିଛୁ କେଉଁଠାରେ ନପାଇଲା ॥ ରନ୍ଧନଶାଳାରେ ହାଣ୍ଡି ଖଙ୍ଗିଲକ ଯହୁଁ । ଉପବାସେ ସମସ୍ତେ ଯେ ରହିଲେକ ତହୁଁ ॥ ଏହା ଦେଖି ରାଜଦୂତେ ବେଗେ ଚଳିଗଲେ । ପାସ୍ୟେ ଚଢ଼ି କରଯୋଡ଼ି ଶ୍ରୀମୁଖରେ କହିଲେ ॥ ରାନ୍ଧଣା ନୂଳରେ ହାଣ୍ଡି ଖଙ୍ଗିଲକ ଯହୁଁ । ଉପବାସେ ସମସ୍ତେ ଯେ ରହିଲେକ ତହୁଁ ॥ ବୃଣ୍ଡାକୁଣୀ ଆପଣାକୁ ବହୁନିନ୍ଦା କରି । ତାରପୁଅ ବୋହୂଙ୍କୁ କହିଲା ଏହାପରି । ଆଣ୍ଠୁ କୁଣ୍ଡା ରାଜାମୁଖ ଯହୁଁ ମୁଁ ଦେଖିଲି । ତେଣୁକରି ଉପବାସେ ଆଜ ମୁଁ ରହିଲି ॥ ଏହା ବୋଲି ଆପଣାକୁ ନିନ୍ଦା କଲା ସେହି । ଶୁଣିଥିବା କଥା ପ୍ରଭୁ କହିଲୁ ବୁଝାଇ ॥ ତାହା ଶୁଣି

ମହାରାଜା କର୍ମିଣ ଉଠିଲ । ତାହାରୁ ଯେ ଗର୍ବ ମୂର୍ଚ୍ଛି ଗର୍ଜି ବ
ବୋଇଲେ ॥ ମୋର ଆଜ୍ଞା ଘେନ ଏହିକ୍ଷଣି ଚଳଯାଅ । ତାହାର
ପୁତ୍ରମାନଙ୍କୁ ହାଣି ଯେ ପକାଅ ॥ ତାହା ଶୁଣି ଦୂତମାନେ ବେଗେ
ଚଳିଗଲେ । ତାହାର ସାତପୁତ୍ରଙ୍କୁ ହାଣି ପକାଇଲେ ॥ ସେ ଦିନରେ
ମଙ୍ଗଳାଙ୍କ ପୂଜାବିଧି ଜାଣି । ଖଇମୁଆଁ ଆଣିବାକୁ ଯାଇଥିଲାପୁଣି ॥
ଲୋକେ ଯେ ବୋଇଲେ ରାଜା ମାଇଲେ ତୋ ବଂଶ । ଖଇ ମୁଆଁ
ନେଇଣ ତୁ କରିବୁଟି କିସ ॥ ସାତପୁଅଯାକ ତୋର ହାଣିପକାଇଲେ
ତୋର ପୁତ୍ର ମୁଣ୍ଡମାନ ଶୂଳେ ବସାଇଲେ ॥ ତାହାଶୁଣି ଗୁଣ୍ଡାକ୍ରୁଣୀ
କାନ୍ଦଗୋଳ କଲା । ରାଜାର ନଗରୁ କାନ୍ଦି କାନ୍ଦି ଆସୁଥିଲା ॥ ତାହା
ଜାଣି ମଙ୍ଗଳା ଯେ ବିଜେକରିଗଲେ । ଆସୁଥିଲା ଗୁଣ୍ଡାକ୍ରୁଣୀ ବାଟରେ
ଭେଟିଲେ ॥ ମଙ୍ଗଳା ବୋଲନ୍ତି ତୁଲ କାନ୍ଦୁ କାହିଁପାଇଁ । ତୋହର
ମନବାଞ୍ଛା ଯେ ପୂରାଇବି ମୁହିଁ ॥ ତାହା ଶୁଣି ଗୁଣ୍ଡାକ୍ରୁଣୀ କାନ୍ଦୁଅଛି
ଲୋଟି । ତୁମ୍ଭର ପଞ୍ଚିଲମୋର ସାତପୁତ୍ର ଗଟି ॥ ଅଦୋଷରେ ରାଜା
ମୋର ପୁତ୍ରଙ୍କୁ ମାଇଲା । ଶୂଳଆପଦାକୁ ଆଣି ଶୂଳେ ଦିଆଇଲା ॥ ମାତେ
ବୋଲୁଛନ୍ତି ତୁଲେ ବେଗ ହୋଇ ଯାଅ । ମୁହିଁ ରକ୍ଷାକଲେ ପୁଣି କ
କରିବ ରଜା ॥ ମୋର ସେବା ପୂଜା ତୁହି କରୁଥିବୁ ପୁଣି । ତୋହର
ପୁତ୍ରମାନେ ଯେ ଆସିବେ ଏହିକ୍ଷଣି ॥ ତାହାଶୁଣି ଗୁଣ୍ଡାକ୍ରୁଣୀ ବେଗେ
ଚଳିଗଲା । ଖଇ ମୁଆଁ ନବାତ ଯେ ବଜାରୁ କିଣିଲା ॥ ଗୋବରେ
ଲିପିଣ ଏକ ବେଦୀ ବନାଇଲା । ଚନ୍ଦନ କର୍ପୂର ଆଣି ଛାନ୍ଦିରେ
ସିଞ୍ଚିଲା ॥ ହଳଦୀ ଗଣ୍ଡାରେ ଏକ ମୂର୍ତ୍ତି ଯେ ବନାଇ । ଜୟ ସର୍ବ
ମଙ୍ଗଳା ଗୋ ବୋଲିଣ ବୋଲଇ । ଫୁଲ ଯେ ଚନ୍ଦନ ଦେଇ ପୂଜା
ବିଧି କଲା । ଧୂପ ଯେ ନଇବେଦ୍ୟ ଗନ୍ଧପୁଷ୍ପ ଦେଲା ॥ ଦୂବ ଚାଉଳ
ପକାଇ ହୁଳହୁଳି ଦେଲା । ଧୂପ ଦୀପ ଦେଇ ତହୁଁ ଶଙ୍ଖ ବଜାଇଲା ।
ସାତବୋହୂ ଘେନି ସେବା କରୁଅଛି ଯହୁଁ । ଦେଖିଣ ମଙ୍ଗଳା ଯେ
ଆନନ୍ଦହେଲେ ତହୁଁ ॥ ଉଷା ଯେ କରାଇଣ ମାତେ ବିଜେକରିଗଲେ
ତାର ପୁତ୍ରମାନଙ୍କୁ ଯେ ପ୍ରାଣଦାନ ଦେଲେ ॥ ସେହିବର୍ଷରୁ ସେହିଦିନୁ

କଥା ରୂପବନ୍ତ । କେହ୍ବ ନଜାଣନ୍ତି ପ୍ରାଣେ ହୋଇଥିଲେ ହତ ॥ କାଠ ପତ୍ର ମାଛ ଶାଗ ଘେନିଣ ଅଇଲେ । ଆପଣାର ଘରେ ଆସି ପ୍ରବେଶ ହୋଇଲେ ॥ ତାହା ଦେଖି ବୃଣ୍ଡାକ୍ରୁଣୀ ହରଷ ହୋଇଲା । ଜନ୍ମଅନ୍ଧ ଚକ୍ଷୁଦାନ କଅବା ପାଇଲା । ଫୁଲପ୍ରସାଦ ମା'ଙ୍କ ଶିରରେ ଘେନିଲେ ଜୟ ମ ମଙ୍ଗଳା ବୋଲି ଦଣ୍ଡବତ କଲେ ॥ ଉତ୍ତମପଦାର୍ଥମାନ ଭୋଗ ଦେଇଥିଲେ । ସାତପୁଅଯାକ ତାହା ଆନନ୍ଦେ ଭୁଞ୍ଜିଲେ ॥ ତାହା ଦେଖି ବୃଣ୍ଡାକ୍ରୁଣୀ ହୋଇଲା ଆନନ୍ଦ । ତାର ପୁତ୍ରଗଣ ଯେ ଖାଇଲେ ମାଂସ ମଦ ॥ ଦେଖିଥିବା ଲୋକ ଯାନେ ଚାଟକା ହୋଇଲା । ଲାହାଣି ଥିଲେ ଯମଦୂତେ କେମନ୍ତେ ବଞ୍ଚିଲେ ॥ ତାହା ଦେଖି ରାଜା ଆଗେ କହିଲେକ ଦୂତେ । ହାଣିଥିବା ଲୋକମାନେ ବଞ୍ଚିଲେ କେମନ୍ତେ ॥ ତାହାଶୁଣି ମହାରାଜା ହୋଇଣ ସ୍ତବ୍ଧ । ପୁଣି ଆଜ୍ଞା ଦେଲେ କ୍ରୋଧେ ହୋଇ ଗଦଗଦ ॥ ଆସନ୍ତା ମଙ୍ଗଳବାରେ ତାହାଙ୍କୁ ମାରିବ । ଆରେ ଦୂତେ ଏମନ୍ତ ଯେ ଉପାୟ କରିବ ॥ ଗଜର ଦନ୍ତରେ ଯେ ପ୍ରହାର କରାଇବ । ସବୁହିଁ କାଟିବ ମାଂସ ଅସ୍ଥିହିଁ ରଖିବ ॥ ଶ୍ୱାନ ଯେ ଶୃଗାଳ ତାକୁ ଖାଇବେଟି ପୁଣି । ଥୋକାଏ ବଉଣୀ ଥୋପ କରିବଟି ପୁଣି । ଆଜ୍ଞାପାଇ ରାଜଦୂତେ ବେଗେ ଚଳିଗଲେ । ଯେ ଯାହା ର ଘରେ ଯାଇ ପ୍ରବେଶ ହୋଇଲେ ॥

ଶ୍ରୀ ଭଗବାନ ଉବାଚ

ଏଥୁଅନ୍ତେ ଯାହାହେଲା ଶୁଣ ହେ ଅର୍ଜୁନ । ଆଠଦିନ ପଡ଼ିଲା ମଙ୍ଗଳବାର ପୁଣ ॥ ଏଣେ ବୃଣ୍ଡାକ୍ରୁଣୀ ପଜା ବଧ ଆଣିଗଲା ॥ ହାଟ ବଜାର ବୁଲିଣ ପଦାର୍ଥ କିଣିଲା ॥ ଦୂତମାନେ ଗୁପତରେ ଜଗି ବସି ଥିଲେ । ଗଜର ଦନ୍ତରେ ତାକୁ ପ୍ରହାର ଯେ କଲେ ॥ ଥୋକାଏ ମାଂସ କାଟି ବଉଣୀ ଥୋପ କଲେ । ଥୋକାଏ ଶ୍ୱାନ ଶୃଗାଳ ମୁଖରେ ପେଲିଲେ ॥ ଲୋକେ ଯେ ବୋଇଲେ ତୋର ପୁତ୍ରେ ନାଶ ଗଲେ । କସ କସ ମଲା ଓ୍ଡା ଭୁଞ୍ଜ କରୁଛୁ ବୋଇଲେ ॥ ତାହାଶୁଣି ବୃଣ୍ଡାକ୍ରୁଣୀ କାନ୍ଦ ଆସୁଥିଲା । ଯାଉ ଯାଉ ମାପ୍ୟେ ତାଙ୍କୁ ବାଟରେ ଭେଟିଲା ।

ମଙ୍ଗଳା ବୋଲନ୍ତି ତୁମ୍ଭେ ତାଙ୍କୁ ଚାହିଁ ପାଇଁ । ତୋହର ପୁତ୍ରମାନଙ୍କୁ ଦେବଙ୍କି ଜୀଆଇଁ ॥ ମୋର ସେବା ଅର୍ଥେ ତୁମ୍ଭେ ବେଗ କରି ଯାଅ । ଝିଅବୋଲନ୍ତି ଯେବେମୋ'ର ସେବା କରୁଥାଅ ॥ ଏତେ ବୋଲି ମଙ୍ଗଳା । ଯେ ବିଜେ କରି ଗଲେ । ଅସ୍ଥି ମାଂସ ଏକଠାବ କରିଣ ରଖିଲେ ॥ ଫଳ ପାଣି ସିଞ୍ଚିଣ ଯେ ପ୍ରାଣ ଦାନ ଦେଲେ । ଘରକୁ ଯେ ଯାଅବାକୁ ବୋଲିଣ ବୋଇଲେ ॥ ତାହା ଶୁଣି ପୋଏ ଗଲେ ବେଗ ବେଗ ହୋଇ । ମରିଥିଲେ ବୋଲିଣ ଯେ ନ ଜାଣିଲେ କେହି ॥ ତେଣେ ଚଣ୍ଡାଳୁଣୀ ପୂଜା ବିଧିହିଁ ସାରିଲା । ଫୁଲ ପ୍ରସାଦ ମା'ଙ୍କର ଶିରରେ ଘେନିଲା । ଜୟ ମା ମଙ୍ଗଳା ବୋଲି ବୋଲିବାର ବେଳେ । ତାର ପୁତ୍ରମାନେ ଯେ ଆସିଲେତତ୍କାଳେ ॥ ଶନିମୁଆଁ ନବାତ ଶାକରପୁଣି ଖଇ । ଆନନ୍ଦ ହୋଇଲେ ତାର ପୁଅମାନେ ଖାଇ । ତାହା ଦେଖି ଦୂତମାନେ ବେଗେ ଚଳିଗଲେ । ରାଜାର ଅଗ୍ରତେ ଯାଇଁ ବେଗେ ଜଣାଇଲେ ॥ ହତ ହୋଇଥିବା ଲୋକେ ବଞ୍ଚିଲେକ ପୁଣ ॥ ଏହା ଶୁଣି ଆମ୍ଭେ ତାଙ୍କୁ ଅଇଲୁ ଦେଖିଣ ॥ ଆରେ ଦୂତେ ତୁମ୍ଭେମାନେ ଏମନ୍ତ କରିବ । ଆପଣାମଙ୍ଗଳବାରେ ତାହାଙ୍କୁ ହାଣିବ ॥ ଢିଙ୍କିରେ କୁଟିଣ ମାଂସ ଶିଳରେ ବାଟିବ । ଏପରି କରି ତାହାଙ୍କୁ କୂପରେ ପୋତିବ ॥ ତାହା ଶୁଣି ଦୂତମାନେ ବେଗେ ଚଳିଗଲେ । ଯେ ଯାହାର ଘରେ ଯାଇ ପ୍ରବେଶ ହୋଇଲେ ॥ ଏ ଅନନ୍ତରେ କେତେ ଦିନ ଗଲା ବହି । ମଙ୍ଗଳାଙ୍କ ପୂଜା ଦିନ ହୋଇଲାକ ତହିଁ ॥ ଏଣେ ରାଜଦୂତେ ଠାବେ ଠାବେ ରହିଥିଲେ । ତାର ସାତପୁଅଙ୍କୁ ଯେ ଖଡ୍ଗେ ହାଣିଲେ ॥ ଢିଙ୍କିରେ କୁଟିଲେ ମାଂସ ଶିଳରେ ବାଟିଲେ । ସାତଟି ଗାତ ଖୋଳିଣ ତାହାଙ୍କୁ ପୋତିଲେ ॥ ତହୁଁ ଆସି ରାଜଦୂତେ ଛାମୁରେ କହିଲେ । ସାତକୂପେ ସାତ ପୁଅ ପୋତିଲୁ ବୋଇଲେ । ତାହା ଶୁଣି ମହାରାଜ ଆନନ୍ଦ ହୋଇଲେ ॥ କେମନ୍ତ ପ୍ରକାରେଯେହୁ ବଞ୍ଚିବେ ବୋଇଲେ ॥ ପୋଏ ମଲେ ବୋଲି ଚଣ୍ଡାଳୁଣୀ ନ ଜାଣଇ । ଖଇ ମୁଆଁ ନବାତ ସେ ବଜାରେ କିଣଇ ॥ ଏମନ୍ତ ବେଳରେ ଲୋକଙ୍କ

କହୁଲେକ ଥୋକେ । ମୋର ସାତପୁଅ ରାଜା ପୋତିଲେକ କୂପେ ॥ ତାହା ଶୁଣି ବୃଣ୍ଡାକୁଣୀ କାନ୍ଦ ଅଛୁଥିଲା । ଆସୁଥିଲେ ମାୟେ ତାଙ୍କୁ ବାଟରେ ଭେଟିଲା ॥ ମାୟେ ବୋଲୁଛନ୍ତି ତୁମ୍ଭେ କାନ୍ଦ କାହିଁ ପାଇଁ । ଯା ଯା ତୋର ମନବାଞ୍ଛା ପୂରଇବି ମୁହିଁ ॥ ତାହା ଶୁଣି ବୃଣ୍ଡାକୁଣୀ ବେଗେ ଚଳିଗଲା । ଝିଅ ବୋହୂ ସଙ୍ଗେ ଘେନି ସେବାରେ ବସିଲା ॥ ଏମନ୍ତ ସମୟେ ଯେ ମଙ୍ଗଳା ଚଳିଗଲେ । ତାର ପୁତ୍ରମାନଙ୍କୁ ଯେ କୂପରୁ ଡାକିଲେ ॥ କାହିଁପାଇଁ ତୁମ୍ଭେମାନେ ପଶିଛ କୂପରେ । ତୁମ୍ଭ ମାତା ପୁଅ ବୋଲି କାନ୍ଦୁଅଛି ଘରେ ॥ ଡାକ ଶୁଣି ସମସ୍ତେ ଅଇଲେ ଯେଝାମନ୍ତ । କେହି ନ ଜାଣନ୍ତି ପ୍ରାଣେ ହୋଇଥିଲେ ହତ ॥ ମଙ୍ଗଳାର ସାତପୁଅ ଘେନିଣ ଚଳିଲେ । ଆପଣାର ଘରେ ଯାଇ ପ୍ରବେଶ ହୋଇଲେ ॥ ତାହା ଦେଖି ବୃଣ୍ଡାକୁଣୀ ଆନନ୍ଦ ହୋଇଲା । ବେଗବେଗ କରି ପୂଜା ବିଧି ହିଁ ସାରିଲା ॥ ତାର ପୁତ୍ରମାନଙ୍କ ଯେ ପ୍ରସାଦ ହିଁ ଦେଲେ । ଆନନ୍ଦ ହୋଇଣ ପଂକ୍ତି ଭୁଞ୍ଜିଣ ବସିଲେ ॥ ଦେଖୁଥିବା ଦୂତମାନେ ରାଜାଙ୍କୁ କହିଲେ । କୂପରେ ପୋତିଲା ଲୋକେ କେମନ୍ତ ବଞ୍ଚିଲେ ॥ ତାହା ଶୁଣି ମହାରାଜା ବହୁ କୋପ କଲା । ଆସନ୍ତା ମଙ୍ଗଳବାରେ ହାଣିବ ବୋଇଲା ॥ ତୁଳାର ପ୍ରାୟକ ତାଙ୍କ ମାଂସହିଁ କାଟିବ । ତୁଳାପରି କରି ମାଂସ ଧୂଳିରେ ଫିଙ୍ଗିବ ॥ ଆଜ୍ଞା ପାଇ ଦୂତମାନେ ବେଗେ ଚଳିଗଲେ । ଆପଣା ଆପଣା ଗୃହେ ପ୍ରବେଶ ହୋଇଲେ ॥ ଏଥୁ ଅନନ୍ତରେ ସପ୍ତାହେକ ଗତ ହେଲା । ମଂଗଳାଙ୍କ ପୂଜା ଦିନେ ପ୍ରବେଶ ହୋଇଲା ॥ ସେ ଦିନରେ ବୃଣ୍ଡାକୁଣୀ ପ୍ରଭାତୁ ଉଠିଲା । ଏକବର୍ଣ୍ଣୀ ଗାଈର ଯେ ଗୋବର ଆଣିଲା । ଶଉଚ କରିଣ ଘର ବାହାର ଲିପିଲା । ଖଇ ମୁଆଁ ଆଣିବାକୁ ବଜାରକୁ ଗଲା ଏଣେ ରାଜଦୂତେ ତାର ପୁତ୍ରଙ୍କୁ ହାଣିଲେ । ତୁଳାପ୍ରାୟେ କରି ମାଂସ ଧୂଳିରେ ଫିଙ୍ଗିଲେ ॥ ପୁତ୍ର ମଲେ ବୋଲି ବୃଣ୍ଡାକୁଣୀ ନ ଜାଣଇ । ପୂଜାର ଦରବମାନ ବଜାରୁ କିଣଇ ॥ ଲୋକେ ଯେ ବୋଲନ୍ତି ତୁମ୍ଭେ

ଶୁଣ ଚଣ୍ଡାଳୁଣୀ । ତୋହର ପୁତ୍ରଙ୍କୁ ରାଜା ପକାଇଲେ ହାଣି ॥ ତାହା ଶୁଣି ଚାଣ୍ଡାଳୁଣୀ କାନ୍ଦି ଆସୁଥିଲା । ଆସୁଥିଲେ ମାଁ ସ୍ୱେ ତାଙ୍କୁ ବାଟରେ ଭେଟିଲା । ମଙ୍ଗଳା ବୋଲନ୍ତି ତୁମ୍ଭେ କାନ୍ଦ କାହିଁପାଇଁ । ମୋହର ସେବାରେ ତୁମ୍ଭେ ବସିଥାଅ ଯାଇ ॥ ତାହା ଶୁଣି ଚାଣ୍ଡାଳୁଣୀ ବେଗେ ଚାଲିଗଲା । ଝିଅ ବୋହୂ ସଙ୍ଗେ ଘେନି ସେବାରେ ବସିଲା ॥ ଧୂପ ଦୀପ ନଇବେଦ୍ୟ ଗନ୍ଧପୁଷ୍ପ ଦେଇ । ଉତ୍ତମ ପଦାର୍ଥ ଦେଇ ବନ୍ଦନ ଯେ କହଇ ॥ ଚାଣ୍ଡାଳୁଣୀ ହୀନ ଜାତି ଜାତି ମୋର କେଳା । କଷ୍ଟରୁ ଉଦ୍ଧାର ମୋର ଘେନ ମା ମଙ୍ଗଳା ॥ ଭକ୍ତଗଣ ଦେଖି ମଙ୍ଗଳା ବରଜ କଲେ । ତାର ପୁତ୍ରମାନଙ୍କୁ ସେ ପ୍ରାଣଦାନ ଦେଲେ ॥ ଯେସନ୍ତ ରୂପ ସେସନ୍ତ ଶରୀର ସେସନ୍ତ ରୂପରେଖ । କେହୁ ନଜାଣନ୍ତି ପ୍ରାଣେ ହୋଇଥିଲେ ହତ ॥ ମ ଛଣାଗ କାଠପତ୍ର ଘେନିଣ ଅଇଲେ । ଆପଣାର ଘରେ ଯାଇ ପ୍ରବେଶ ହୋଇଲେ । ତାହା ଦେଖି ଚାଣ୍ଡାଳୁଣୀ ଆନନ୍ଦ ହୋଇଲା । ଫୁଲ ଯେ ପ୍ରସାଦ ତାର ପୁତ୍ର ମୁଖେ ଦେଲା ॥ ମାଂସ ମଦ ଭୁଞ୍ଜିଣ ସେ ଆନନ୍ଦ ହୋଇଲେ । ଦେଖି ଯାଇ ରାଜାଦୂତ ରାଜାଙ୍କୁ କହିଲେ ॥ ଚାଣ୍ଡାଳୁଣୀ ପୁତ୍ର ବଞ୍ଚି ଅଇଲେ ବୋଇଲେ ॥ ତାହା ଶୁଣି ମହାରାଜ ସ୍ତବଧ ହୋଇଲେ ॥ କୌଣସି ପ୍ରକାରେ ତାଙ୍କୁ ମାରି ନ ପାରିଲ । ବୁଦ୍ଧି ନ ଦିଶଇ ଅନର୍ନିଶି ଚିନ୍ତାକଲ ॥ ଆରେ ଦୂତମାନେ ତୁମ୍ଭେ ଏମନ୍ତ ଯେ କର । ଯତନ କରିଣ ଯେ ନିର୍ମାଣ ଜଉଘର ॥ ଆସନ୍ତା ମଙ୍ଗଳବାରେ ତାହାଙ୍କୁ ହାଣିବ । ଯତନ କରିଣ ଜଉଘରରେ ଭରିବ ॥ ଜଉଘରର କଳଣୀ ବନ୍ଦ ଯେ କରିବ । ନବାନ୍ଧ କରିଣ ତହିଁ ଅଗ୍ନି ଲଗାଇବ ॥ ଆଜ୍ଞା ପାଇ ଦୂତମାନେ ବେଗେ ଚାଲିଗଲେ । ଯତନ କରିଣ ଜଉଘର ବନାଇଲେ ॥ ଏଥୁ ଅନନ୍ତରେ କେତେ ଦିନ ଗଲା ଯହିଁ । ମଙ୍ଗଳାଙ୍କ ପୂଜା ଦିନ ହୋଇଲାକ ତହିଁ । ସେ ଦିନରେ ଚାଣ୍ଡାଳୁଣୀ ପ୍ରଭାତୁ ଉଠିଲା । ପୂର୍ବ ପରକାରେ ଘର ବାହାର ଲିପିଲା ॥ ସ୍ନାନ ଦାନ କରିଣ ବେଗ ବେଗ ହୋଇଗଲା । ଖଇ ମୁଆଁ ନବାତ ସେ ବଜାରୁ କିଣିଲା

ତହୁଁ ବେଗ ବେଗ ବଜା ନବରକୁ ଗଲା । ଖଇମୁଆଁ ଦଅ ବୋଲି ଯାଇଣ କହିଲ ॥ ଏଣେ ଦୂତମାନେ ତାର ସାତପୁତ୍ର ହାଣି । ଜଳ ଘରେ ଭରି ଅଗ୍ନି ଲଗାଇଲେ ପୁଣି ॥ ପୁତ୍ରେମଲେ ବୋଲି ବୃଣ୍ଡାକୁଣୀ ନ ଜାଣଇ । ପୂଜା ବିଧିମାନ ସେ ଯେ ଖୋଜିଣ ଆଣଇ ॥ ଲୋକେ ଯେ ବୋଇଲେ ତୁ ଲୋ ଶୁଣ ବୃଣ୍ଡାକୁଣୀ । ତୋର ପୁତ୍ରମାନ ରଜା ମାଇଲେକ ପୁଣି ॥ ଜଳଘରେ ପୂରାଇଣ ଅଗ୍ନି ଲଗାଇଲେ । କସ କସ ଲୋକ୍ତୁ ତୁହି କହୁଅଛୁ ଭଲେ ॥ ତାହା ଶୁଣି ବୃଣ୍ଡାକୁଣୀ ବିକଳ ହୋଇଲା । ଅଗାଧ ସମୁଦ୍ରେ ମୋର ଭେଳା ଯେ ବୁଡ଼ିଲା ॥ ଆରେ ଆରେ ପୁତ୍ର ମୋର କେଣେ ଗୁଡ଼ିଗଲ । ଅପୂର୍ବ କି ଦଶା ବାବୁ ମୋତେ ଯେ ହିଲ । ବୃଣ୍ଡାକୁଣୀ ଏହିପରି କାନ୍ଦି ଆସୁଥିଲା । ଆସୁଥିଲେ ମାଏ ତାଙ୍କୁ ବାଟରେ ଭେଟିଲ । ମଙ୍ଗଳା ବୋଲନ୍ତି ତୁଲୋ କାନ୍ଦୁ କାହିଁପାଇଁ । ଯା ଯା ତୋର ପୁତ୍ରକୁ ମୁଁ ଦେବଇଁ ଜିଆଇଁ ॥ ତାହା ଶୁଣି ବୃଣ୍ଡାକୁଣୀ ବେଗେଚଳିଗଲା । ଆପଣାରଘରେ ଯାଇ ପ୍ରବେଶ ହୋଇଲା । ପୂର୍ବ ପରକାରେ ପୂଜାବିଧି ଯେ ଭିଆଇ ଗଙ୍ଗା ଜଳ ସିଞ୍ଚି କରି ବସିଥିଲା ତହିଁ ॥ ଧୂପ ଦୀପ ନଇବେଦ୍ୟ ଗନ୍ଧ ପୁଷ୍ପଦେଲା । ଅପୂର୍ବ ପଦାର୍ଥମାନସବୁ ସମର୍ପିଲା ॥ ଛେଳି ଯେ କୁକୁଡ଼ା ତହିଁ ବଳିଦାନଦେଇ । ଶଙ୍ଖହୁଳହୁଳି ଦେଇବିନସ୍ତେ କହଇ ॥ ଏମନ୍ତ ସମସ୍ତ ତାର ସାତପୁତ୍ରଗୋଟି । ଅପୂର୍ବଅଧିକେତାଙ୍କରୂପରେଖଦିଶି ॥ କେତେବଡ଼ ଅଗ୍ନିରେହୋଇଲେପ୍ରାଣେ ନାଶ । ଦେଖିଣମଙ୍ଗଳା ଯେ ହୋଇଲେ ହସହସ ॥ ଦହୁଡ଼ପରାଏ ଅଗ୍ନି ଜଳୁଅଛି ଯହିଁ । ଲୋକ ଲୋଚନକୁ ଭୟ ଦିଶୁଅଛି ତହିଁ ॥ ଜଳଘର ପାଶେ ଯାଇ ମଙ୍ଗଳା ଡାକିଲେ । ଘରକୁ ଯେ ଯାଅବାବୁବୋଲିଣ ବୋଇଲେ ॥ ଶୁଣିପାଏ ଆସନ୍ତି ଯେ ଖରତର ହୋଇ । ଜଳଘର ଅଗ୍ନି ତାଙ୍କ ଶୀତଳ ଲାଗଇ ॥ ମାନ୍ଥ ଶାଗ କାଠପତ୍ର ଘେନିଣ ଅଇଲେ । ଆପଣାରଘରେ ଯାଇପ୍ରବେଶହୋଇଲେ ॥ ତାହାଦେଖିବୃଣ୍ଡାକୁଣୀ ଆନନ୍ଦହୋଇଲା ।

ବେଗବେଗ କରି ପୂଜା ବିଧି ସାରିଲା ॥ ପୂଜା ସାରି ଗୃଣ୍ଡାକୁଣୀ ଦଣ୍ଡବତ କଲା । ଫୁଲପରସାଦ ତାରପୁଅ ମୁଣ୍ଡେ ଦେଲା ନଇମୁଥି ନବାତ ଶାକର ଶନଟଇ । ଆନନ୍ଦ ହୋଇଲେ ତାର ପୁଅମାନେ ଖାଇ ॥ ଛେଳ ଯେ କୁକୁଡ଼ା ବଳିଦାନ ଦେଇଥିଲେ । ମାଂସ ମଦ ଖାଇଣ ସେ ଆନନ୍ଦ ହୋଇଲେ ॥ ତାହା ଦେଖି ରାଜଦୂତେ ବେଗେ ଚଳିଗଲେ । ରାଜାର ଅଗ୍ରେତ ଯାଇ ବରତା କହିଲେ ॥ ପାଦେପଡ଼ କରଯୋଡ଼ି ଜଣାଇଲେ ଦୂତେ । ନଗ୍ରରେ ମଙ୍ଗଳ ଲୋକ ଅଇଲେ ଭୂରିତେ ॥ ତାହା ଶୁଣି ମହାରାଜା ବିସ୍ମୟ ହୋଇଲେ । ଆପଣା ଆପଣା ମନେମନେ ଚିନ୍ତାକଲେ ॥ ବାଇକ ବାତୁଳ ମୋର ବୁଦ୍ଧି ହେଲା ହୀନ । ପାପପୁଣ୍ୟ ବିଚାର ନକଲା ମୋର ମନ ॥ ବୁଦ୍ଧି ଯେବେ ଥିଲେ ମୁଁ କି ଏମନ୍ତ କରନ୍ତି । ଏହିରୂପେ ଧରି ମୁହିଁ କାଳକ ନ ବର୍ତ୍ତି ॥ ପୁଣ୍ୟକଲା ଲୋକମାନେ ସ୍ୱର୍ଗରେ ବସନ୍ତି । ପାପକଲା ଲୋକ ମାନେ ନରକେ ପଡ଼ନ୍ତି ॥ ଏହା ଭାବି ମହାରାଜା ଆପଣେ ଉଠିଲା ଚାକରମାନଙ୍କୁ ଡାକି ବଚନ ବୋଇଲା ॥ ଚାଲ ଗୃଣ୍ଡାକୁଣୀ ଘରଯିବା ବେଗହୋଇ । ତାହାର ସଙ୍ଗରେ ମିତ୍ର ହୋଇବଇଁ ମୁହିଁ ॥ କେବଣ ଦେବତା ପୂଜା କରୁଅଛି ସେହି । ତାହା ପାଦେ ଆମ୍ଭେ ପୂଜା - କରିବା ଯେ ଯାଇ । ଏତେବୋଲି ମହାରାଜା ବିଜେ କରିଗଲେ । ଗୃଣ୍ଡାକୁଣୀ ଦ୍ୱାରେ ଯାଇ ପ୍ରବେଶ ହୋଇଲେ ॥ ତାହାଦେଖି ଗୃଣ୍ଡାକୁଣୀ ପାଦରେ ପଡ଼ିଲା ଉଠି କରପଦ୍ମ ଯୋଡ଼ି ଗ୍ରୀସ୍ମରେ କହିଲା ॥ କି ନିମନ୍ତେ ମହାରାଜା ବିଜେ ହୋଇଲ । ଆଚମ୍ବିତ ହୋଇ ମନେ ତାଟକ ଲାଗିଲା ॥ ରାଜା ବୋଲୁଛନ୍ତି ତୁ ଲୋ ଶୁଣ ଗୃଣ୍ଡାକୁଣୀ । ତୋହର ସଙ୍ଗରେ ମିତ୍ର ହୋଇବାକୁ ପୁଣି ॥ ବହୁତ ପ୍ରକାର ଶାସ୍ତି ଦେଲି ଯେ ତୁମ୍ଭଙ୍କୁ । ଆସିଅଛି ଦୋଷାଦୋଷ କ୍ଷମା ମାଗିବାକୁ ॥ କେଉଁ ଦେବତାକୁ ପୂଜା କରୁଅଛ ତୁମ୍ଭେ । ଆମ୍ଭ ରାଣୀ ପୂଜା ଯେ କରିବେ ତୁମ୍ଭ ସଙ୍ଗେ ॥ ଗୃଣ୍ଡାକୁଣୀ ବୋଲୁ ଅଛି ଆହେ ମହାରାଜା । ଛେଳ ଯେ କୁକୁଡ଼ା ଆମ୍ଭ ମଙ୍ଗଳାଙ୍କ ପୂଜା ॥

ସ୍ୱାନଜାତ ସଙ୍ଗେ ତୁମ୍ଭେ ମଇତ୍ର ହୋଇବ । ଛେଳ ଯେ କୁକୁଡ଼ା ମଦମାଂସଜ୍ଞି ଖାଇବ । ତେବେ ତୁମ୍ଭ ସଙ୍ଗେ ମିତ୍ର ହୋଇବଇଁ 'ମୁହିଁ । ନୋହିଲେ ମୋ ପ୍ରୟୋଜନ ଏତେ କିଛି ନାହିଁ ॥ ତାହା ଶୁଣି ମହାରାଜା ସନମତ କଲା । ଗୁଣ୍ଡ୍ରୀକୁଣୀ ସଙ୍ଗତରେ ମଇତ୍ର ହୋଇଲା ।

ଶ୍ରୀ ଭଗବାନ ଉବାଚ

ଶ୍ରୀକୃଷ୍ଣ ବୋଲନ୍ତି ତୁମ୍ଭେ ଶୁଣହେ ଅର୍ଜୁନ । ଗୁଣ୍ଡ୍ରୀକୁଣୀ ସଙ୍ଗେ ମିତ୍ର ହେଲେକ ରାଜନ ॥ ଏଥୁ ଅନନ୍ତରେ କିଛି ଦିନ ଗତ ହେଲା ॥ ମଙ୍ଗଳାଙ୍କ ପୂଜାଦିନ ପ୍ରବେଶ ହୋଇଲା ॥ ସେ ଦିନରେ ଗୁଣ୍ଡ୍ରୀକୁଣୀ ପ୍ରଭାତୁ ଉଠିଲା । ଏକବର୍ଣ୍ଣ ଗାଈର ଯେ ଗୋବର ଆଣିଲା॥ ଉତ୍ତମ କରଣ ଘରବାହାର ଲିପିଲା । ଖଇମୁଆଁ ଆଣିବାକୁ ବଜାରକୁ ଗଲା ॥ ସେ ଦିନରେ ମହାରାଜା ପ୍ରଭାତୁ ଉଠିଲେ । ଢେଙ୍କୁରା ପିଟାଇଣ ଡାକ ଯେ ଦିଆଇଲେ ॥ ଆଜ ନଗ୍ରନାରୀମାନେ ସମସ୍ତେ ଯେ ଯିବା ଗୁଣ୍ଡ୍ରୀକୁଣୀ ଦ୍ୱାରେ ଯାଇ ମଙ୍ଗଳା ସେବିବା ॥ ଏହା ବୋଲି ଦୂତମାନେ ଡାକଯେ ଦିଅନ୍ତି । ନଜାଣିଲା ଲୋକଙ୍କୁ ଯେ ବୁଝାଇକହନ୍ତି । ତାହାଶୁଣି ନଗ୍ରନାରୀ ଗଲେକ ସମସ୍ତ । ଗୁଣ୍ଡ୍ରୀକୁଣୀ ଦ୍ୱାରେ ଯାଇ ହେଲେ ଉପସ୍ଥିତ ॥ ପାଦଗଡ ଧୋଇ ରାଣୀ ଭଜେ କରଗତେ । ଗୁଣ୍ଡ୍ରୀକୁଣୀ ଦ୍ୱାରେ ଯାଇ ପ୍ରବେଶ ହୋଇଲେ ॥ ସେହି ଗୁଣ୍ଡ୍ରୀକୁଣୀ ବଜାରକୁ ଯାଇଥିଲା । ଆପଣା ଗୃହରେ ଆସି ପ୍ରବେଶ ହୋଇଲା ॥ ବେଦୀର ଉପରେ ଏକ ଘଟ ଯେ ବସାଇ । ଗଙ୍ଗାଜଳ ସିଞ୍ଚି ପାଶେ ବସିଲାକ ଯାଇ ॥ ଧୂପ ଦୀପ ନଇବେଦ୍ୟ ଗନ୍ଧପୁଷ୍ପ ଦେଇ । ଜୟମା ମଙ୍ଗଳା ବୋଲି ବିନୟେ କହଇ ॥ ରାଜ୍ୟ ନରନାରୀ କରପତ୍ର ଯେ ଯୋଡ଼ିଲେ । ଜୟମା ମଙ୍ଗଳା ବୋଲି ଉଚେ ଡାକ ଦେଲେ ॥ ଶଙ୍ଖ ହୁଳହୁଳି ଦ୍ୟନ୍ତି ଗୁଣ୍ଡ୍ରୀକୁଣୀଗୃହେ । ମୁଖରେ ଶବଦ ଯେ ଶୁଭଇ ଗହଗହ ॥ ସମସ୍ତ ପ୍ରକାରେ ପୂଜାବିଧିଜ୍ଞି ସାରିଲେ ।ଫୁଲ ପ୍ରସାଦ ମା ଙ୍କର ଶିରରେ ଦେନିଲେ ॥ ରାଜରାଣୀ ନଗ୍ରଲୋକେ ପୂଜା ଯେ ସାରିଲେ । ଜୟମା ମଙ୍ଗଳା ବୋଲି ଦଣ୍ଡବତ କଲେ ॥ ଫୁଲ ପ୍ରସାଦ

ମା'ଙ୍କର ଶିରରେ ଦେନଲେ । ମଙ୍ଗଳା ସୁମରି କେନ୍ଦୁ ସ୍ୱରଣ୍ଡି ଖାଉଥିଲେ । ଏଥୁ ଅନନ୍ତରେ ତୁମ୍ଭେ ଶୁଣ ହେ ଅର୍ଜୁନ । ମଦ ମାଂସ ଭୁଞ୍ଜି ବାକୁ ବସିଲେ ରାଜନ ॥ ତାହା ଦେଖି ମଙ୍ଗଳା ଯେ ଆନନ୍ଦ ହୋଇଲେ । ରାଜାର ଭକତି ଦେଖି ପ୍ରସନ୍ନ ହୋଇଲେ ॥ ମଦ ମାଂସ ଭୁଞ୍ଜି ରାଜା ବସିଲେକ ଯହିଁ । ଦେଖୁ ଦେଖୁ ମଦ ଦୁଗ୍ଧ । ପାଲଟିଲା ତହିଁ ॥ ଅମୃତ ହୋଇଲା ମାଂସ ମଦ ହେଲା ଦୁଗ୍ଧ ଦେଖିଣ ସେ ମହାରାଜା ହୋଇଲେ ସ୍ତବଧ । ଧନ୍ୟ ଧନ୍ୟ ମଙ୍ଗଳା ଗୋ ବୋଲିଣ ବୋଇଲେ । ମଙ୍ଗଳା ସୁମରି ସେହୁ ଭୁଞ୍ଜିଣ ବସିଲେ ॥ ଆଚମନ ସାରି ରାଜା ବିଜେ କରିଗଲେ । ଆପଣ ନଗରେ ଯାଇ ପ୍ରବେଶ ହୋଇଲେ ॥ ରାଜ୍ୟ ନରନାରୀମାନେ ସମସ୍ତେ ଯେ ଗଲେ । ଆପଣା ଆପଣା ଘରେ ପ୍ରବେଶ ହୋଇଲେ ॥ ଏଥୁ ଅନନ୍ତରେ ତୁମେ ଶୁଣହେ ଅର୍ଜୁନ । ସେହୁଦିନ ଗର୍ଭବାସ ହେଲେ ସ୍ତ୍ରୀମାନ ॥ ଦଶ ମାସ ଦଶଦିନ ହୋଇଲକ ପୂର୍ଣ୍ଣି । ସେହିତ ବଥାଇ କରୁଅଛୁ କଣି କଣି ॥ ଏହି ରୂପେ ପୁତ୍ର ଯେ ହୋଇଲା କଲେ ଜାତ । ମଙ୍ଗଳା ସୁମରି ମନେ ହୁଅନ୍ତି ଉପତ ॥ ରାଣୀ ମହାଦେଈଙ୍କ ଯେ ଆନନ୍ଦ ହେଲେ ତହୁଁ । ରାଜ୍ୟ ନରନାରୀଙ୍କ ଆନନ୍ଦ କଏ କହୁ ॥

ଶ୍ରୀ ଭଗବାନ ଉବାଚ

ଶ୍ରୀକୃଷ୍ଣ ବୋଇଲେ ତୁମ୍ଭେ ଶୁଣ ହେ ଅର୍ଜୁନ । ଏହି ରୂପେ ତାହାଙ୍କୁ ଯେ ଦେଲେ ପୁତ୍ର ଦାନ ॥ ଏହି ରୂପେ ମଙ୍ଗଳାଙ୍କ ପୂଜା ଯେ କରିବ । ଧନୁ ଧନ ବଂଶ ତାର ବର୍ଦ୍ଧିତ ହୋଇବ । ଧନଜନ ପୁତ୍ରବନ୍ତ ଆବର ଦୁର୍ଗତି । ମଙ୍ଗଳା ସେବାରେ ଆଉ ନଥାଇ ବିପତ୍ତି ॥ ଅର୍ଜୁନଙ୍କୁ ବୁଝାଇ କହନ୍ତି ପୀତବାସ । ଭାବରେ ଭଣିଲେ ଏହା ବଳରାମ ଦାସ ।

ଇତି ଶ୍ରୀ ଚୈତ୍ର ମଙ୍ଗଳା ଓଷା ସମ୍ପୂର୍ଣ୍ଣ ।

ମୁଦ୍ରଣ–ରତ୍ନାକର ପ୍ରିଣ୍ଟର୍ସ –କାଫଲା ବଜାର କଟକ– ୨

ବିଜ୍ଞାପନ

ପ୍ରିୟ ବସ୍ତ୍ର ବ୍ୟବସାୟୀ ଭାଇମାନେ !

ବେପାର କରି ଲାଭ କରିବାର ଇଚ୍ଛା ଥିଲେ ଧର୍ମକୁ ବିଶ୍ୱାସ କରନ୍ତୁ । ଧର୍ମ ଚିରଯୁଗେ ସତ୍ୟ । ସେହି ଧର୍ମ ନାମରେ ଧର୍ମଗ୍ରନ୍ଥ ଷ୍ଟୋର ନାମକ ଗୋଟିଏ ଷ୍ଟୋର ବ୍ୟବସାୟୀଙ୍କ ସୁବିଧାର୍ଥେ କରି ବଜାର ଅପେକ୍ଷା ଯଥେଷ୍ଟ ସୁବିଧା ଦରରେ ପାର୍ଶଲ ଯୋଗାଉଛୁ । ଥରେ ଆମ୍ଭ ବସ୍ତ୍ର ପ୍ରତ୍ୟକରୁ ଖଣ୍ଡେ ଲେଖାଏଁ ପାର୍ଶଲ ମଗାଇ ପରୀକ୍ଷା କରନ୍ତୁ, ଆମ୍ଭର ସତ୍ୟାସତ୍ୟ ବୁଝି ପାରିବେ । ଏତଦ୍ ବ୍ୟତୀତ ଖଡ଼ିରତ୍ନ ପଞ୍ଜିକା, ସାମନ୍ତ ପଞ୍ଜିକା, ସଂକ୍ଷେପ ପଞ୍ଜିକା, ମିନି ପଞ୍ଜିକା ମଧ୍ୟ ଯଥା ସମୟରେ ଯୋଗାଉ । ଏଥିନିମିତ୍ତ ଅଗ୍ରୀମ ସହ ଅର୍ଡର ଦେବାକୁ ଅନୁରୋଧ । ଚିଠିପତ୍ର ଦେଲାବେଳେ ଠିକଣା ପରିଷ୍କାର ଭାବେ ଲେଖନ୍ତୁ । ଆପଣମାନେ ବସ୍ତ୍ର ଖରିଦ କଲାବେଳେ 'ଧର୍ମଗ୍ରନ୍ଥ ଷ୍ଟୋର' ନାମ ଦେଖି ବସ୍ତ୍ର କିଣିଲେ ଠକାମିରେ ପଡ଼ିବେ ନାହିଁ ।

ଆପଣମାନେ ଏହି ଦୋକାନକୁ ଆସିଲେ ବାଦାମବାଡ଼ିରେ ଓହ୍ଲାଇ ଟାଉନ ବସରେ ଆସି ଡଗରପଡ଼ା ହନୁମାନ ମନ୍ଦିର ପାଖରେ ଓହ୍ଲାଇ ଉତ୍ତର ଦିଗକୁ ଅଳ୍ପବାଟ ଆସି ପୁରୁଣା ହଳଦିଆ କୋଠା ପାଖରେ ପାନଦୋକାନ ଅଛି, ସେହିଠାରେ ଘର ପାଇବେ ।

ପ୍ରକାଶକ— ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ—ଶ୍ରୀ ବିଦ୍ୟାଧର ସାହୁ

ଅଲିଶାବଜାର, କଟକ-୨

ଫୋନ୍ ନମ୍ବର, -୭୦୩୨୯୭